# NATIONAL NEWS BULLETIN (ODIA)

**2 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ମହାରାଷ୍ଟ୍ରର ଧୁଲେ ଠାରେ ମହାୟୁତି ମେଣ୍ଟର ନିର୍ବାଚନ ପ୍ରଚାରର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ।
- ଝାଡ଼ଖଣ୍ଡ ବିଧାନସଭା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୩୮ଟି ଆସନ ପାଇଁ ପ୍ରତିଦ୍ୱନ୍ଦିତା କରୁଛନ୍ତି ୫୨୮ ଜଣ ପ୍ରାର୍ଥୀ ।
- ପଞ୍ଚଦଶତମ ଭାରତ-ଯୁକ୍ତରାଷ୍ଟ୍ର ଆମେରିକା ମିଳିତ ସ୍ୱତନ୍ତ୍ର ସାମରିକ ଅଭ୍ୟାସ ଆଜିଠାରୁ ଆରମ୍ଭ ।
- ଛଟ୍ ପର୍ବକୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ଚଳାଚଳ କରୁଛି ସ୍ୱତନ୍ତ୍ର ଟ୍ରେନ୍ ।

ଏବଂ

- ମୁମ୍ବାଇରରେ ଚାଲିଥିବା ଅନ୍ତିମ ଟେଷ୍ଟରେ ଭାରତର ପ୍ରଥମ ଇନିଂସ୍ ୨୬୩ ରନ୍‌ରେ ସୀମିତ ।

## ପିଏମ୍-ମହା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୮ ତାରିଖରେ ବିଧାନସଭା ନିର୍ବାଚନ ପ୍ରଚାର ପାଇଁ ମହାରାଷ୍ଟ୍ର ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି ।

ଧୁଲେ ଠାରେ ମହାଯୁତି ମେଣ୍ଟର ନିର୍ବାଚନ ପ୍ରଚାରର ଶୁଭାରମ୍ଭ କରିବେ । ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ଅନ୍ୟ କେତେଗୁଡ଼ିଏ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗଦେବେ ବୋଲି ଜଣାପଡ଼ିଛି ।

## ଝାଡ଼ଖଣ୍ଡ କ୍ୟାମ୍ପେନ୍

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ରାଞ୍ଚି ଗସ୍ତରେ ଯାଇ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପ୍ରସ୍ତୁତି ନେଇ ଦଳୀୟ ନେତାଙ୍କ ସହ ଆଲୋଚନା କରିବେ । ଘଟଶୀଳାର ଧଳଭୁମଗଡ଼, ହଜାରୀବାଗର ବର୍‌କଥା ଏବଂ ଛତ୍ରାର ସୀମାରିଆ ଠାରେ ଆସନ୍ତାକାଲି ନିର୍ବାଚନୀ ସଭାଗୁଡ଼ିକରେ ଶ୍ରୀ ଶାହା ଯୋଗଦେବେ ।

ଇତିମଧ୍ୟରେ ନିର୍ବାଚନ ପ୍ରଚାର ନେଇ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଜୋରଦାର ପ୍ରଚାରକାର୍ଯ୍ୟ ଆରମ୍ଭ ହୋଇଛି ।

## ଝାଡ଼ଖଣ୍ଡ ବିଧାନସଭା

ଝାଡ଼ଖଣ୍ଡ ବିଧାନସଭା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ୫୨୮ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିବେ । ଏହି ପର୍ଯ୍ୟାୟରେ ଆସନ୍ତା ୨୦ ତାରିଖରେ ୩୮ଟି ଆସନ ପାଇଁ ମତଗ୍ରହଣ କରାଯିବ । ୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୩ ତାରିଖରେ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟରେ ୪୩ଟି ଆସନ ପାଇଁ ୬୮୩ ଜଣ

ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଆସନ୍ତା ୨୩ ତାରିଖ ଦିନ ଭୋଟ୍ ଗଣତି ସହ ଫଳାଫଳ ପ୍ରକାଶ ପାଇବ ।

## ଝାଡ଼ଖଣ୍ଡ-ବିଜେପି

ବିଜେପି ଅଭିଯୋଗ କରିଛି ଯେ ଝାଡ଼ଖଣ୍ଡରେ ହେମନ୍ତ ସୋରେନଙ୍କ ନେତୃତ୍ୱାଧୀନ ସରକାର ରାଜ୍ୟର ଯୁବକମାନଙ୍କୁ ପ୍ରତାରଣା କରିଛନ୍ତି। ରାଞ୍ଚି ଝାଡ଼ଖଣ୍ଡ ନିର୍ବାଚନ ପ୍ରଭାରୀ ଶିବରାଜ ସିଂହ ଚୌହାନ କହିଛନ୍ତି ଯେ ବିଜେପି କ୍ଷମତାକୁ ଆସିଲେ ପ୍ରଥମ କ୍ୟାବିନେଟରେ ୨ ଲକ୍ଷ ୮୭ ହଜାର ସରକାରୀ ପଦବୀ ପୂରଣ ପାଇଁ ନିଷ୍ପତ୍ତି ନିଆଯିବ।

ଅନ୍ୟପକ୍ଷରେ ଜେଏମ୍ଏମ୍ ନେତା ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ କହିଛନ୍ତି ଯେ ଲୋକମାନେ ସେମାନଙ୍କ ମତାଧିକାର ଅଧିକାର ବ୍ୟବହାର କରି ତାଙ୍କ କାର୍ଯ୍ୟର ମୂଲ୍ୟାଙ୍କନ କରିବେ।

## ସାମରିକ ଅଭ୍ୟାସ

ପଞ୍ଚଦଶତମ ଭାରତ-ଯୁକ୍ତରାଷ୍ଟ୍ର ଆମେରିକା ମିଳିତ ସ୍ୱତନ୍ତ୍ର ସାମରିକ ଅଭ୍ୟାସ ବଜ୍ର ପ୍ରହାରର ଆଜିଠାରୁ ଆମେରିକାର ଇଡାହୋ ସ୍ଥିତ ଓରକାର୍ଡ୍ କମ୍ବାଟ୍ ପ୍ରଶିକ୍ଷଣ କେନ୍ଦ୍ରରେ ଆରମ୍ଭ ହେବ। ଏହା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଗତବର୍ଷ ମେଘାଳୟର ଉମ୍ରୋଇ ଠାରେ ଡିସେମ୍ବର ମାସରେ ଉଭୟ ଦେଶ ଏହି ମିଳିତ ସମରାଭ୍ୟାସ କରିଥିଲେ । ଭାରତ ଏବଂ ଆମେରିକା ସେନା ମଧ୍ୟରେ ଦ୍ୱିତୀୟ ଥର ପାଇଁ ଏହି ବଜ୍ର ପ୍ରହାର ସମରାଭ୍ୟାସ ଅନୁଷ୍ଠିତ ହେଉଛି । ଉଭୟ ଦେଶରୁ ୪୫ ଜଣ ସେନା କର୍ମୀ

ଏଥିରେ ଭାଗ ନେଉଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଭାରତୀୟ ସେନା ପକ୍ଷରୁ ସ୍ପେଶିଆଲ୍ ଫୋର୍ସେସ୍ ୟୁନିଟ୍ ଅଂଶଗ୍ରହଣ କରିବାକୁ ଥିବା ବେଳେ ଆମେରିକା ସେନା ପକ୍ଷରୁ ଗ୍ରୀନ୍ ବେରେଟ୍ସ୍ ଏଥିରେ ସାମିଲ ହେବେ । ଉଭୟ ଦେଶ ମଧ୍ୟରେ ସାମରିକ ସହଯୋଗ ବୃଦ୍ଧି କରିବା ସହ ପାରସ୍ପରିକ ବୁଝାମଣାକୁ ସୁଦୃଢ଼ କରିବା ପାଇଁ ଏହି  ସମରାଭ୍ୟାସର ଆୟୋଜନ କରାଯାଉଛି । ମରୁଭୂମି ଏବଂ ପ୍ରତିକୂଳି ଭୌଗୋଳିକ ପରିସ୍ଥିତିରେ  ଉଭୟ ଦେଶର ସେନା ମିଳିତ ଭାବେ ବିଭିନ୍ନ ଅଭିଯାନରେ ସାମିଲ ହେବା ନେଇ ଏହି ସମରାଭ୍ୟାସର ଆୟୋଜନ କରାଯାଉଛି । ସମାରାଭ୍ୟାସରେ ସେନାକର୍ମୀମାନଙ୍କ ଶାରିରୀକ ସୁସ୍ଥତା, ମିଳିତ ଯୋଜନା ଏବଂ କୌଶଳର ପ୍ରୟୋଗ କରାଯିବା ନେଇ ଏଥିରେ ପ୍ରଶିକ୍ଷଣ ଦିଆଯିବ ।

ଗତ ସେପ୍ଟେମ୍ବର ମାସରେ ରାଜସ୍ଥାନ ଠାରେ **ଯୁଦ୍ଧ ଅଭ୍ୟାସ ୨୦୨୪** ଅନୁଷ୍ଠିତ ହୋଇଥିଲା ।

# ଛଟ୍ ପର୍ବ

ଛଟ୍ ପର୍ବକୁ ଦୃଷ୍ଟିରେ ରଖି ଯାତ୍ରୀଙ୍କ ସୁବିଧା ଓ ସୁରୁଖୁରୁରେ ଯାତ୍ରା ପାଇଁ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ପାଇଁ ବ୍ୟବସ୍ଥା କରାଯାଇଛି । ରାଜଧାନୀର ଆନନ୍ଦ ବିହାର, ନୂଆଦିଲ୍ଲୀ ଏବଂ ନିଜାମୁଦ୍ଦିନ ରେଳ ଷ୍ଟେସନରୁ ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକ ଚଳାଚଳ କରୁଛି। ଉତ୍ତର ରେଳବାଇର ମୁଖ୍ୟ ଲୋକ ସମ୍ପର୍କ ଅଧିକାରୀ ହିମାଂଶୁ ଶେଖର ଉପାଧ୍ୟାୟ ଆକାଶବାଣୀ ସମ୍ବାଦକୁ କହିଛନ୍ତି ପର୍ବପର୍ବାଣୀ ଋତୁରେ ଉତ୍ତର ରେଳବାଇ

ଦିଲ୍ଲୀ ଅଞ୍ଚଳର ପ୍ରମୁଖ ରେଳ ଷ୍ଟେସନରୁ ୩ହଜାର ୨୦୦ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି । ଆଜି ଦିଲ୍ଲୀରୁ ପୂର୍ବାଞ୍ଚଳ ଅଭିମୁଖେ ୮୦ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି ।

ଦିଲ୍ଲୀର ପ୍ରମୁଖ ରେଳ ଷ୍ଟେସନରେ ଯାତ୍ରୀମାନେ ଯେପରି ଟ୍ରେନରେ ଚଢ଼ିବାରେ କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଶ୍ରୀ ଉପାଧ୍ୟାୟ ଆହୁରି ମଧ୍ୟ କହିଛନ୍ତି ଯେ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପ୍ଲାଟଫର୍ମ ଟିକେଟକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି ଏବଂ କେବଳ ଯାତ୍ରୀଙ୍କୁ ବୈଧ ଟିକେଟ୍ ସହିତ ରେଳ ପ୍ଲାଟଫର୍ମରେ ପ୍ରବେଶ କରିବାକୁ ଅନୁମତି ଦିଆଯାଇଛି ।

## ଥାଇଲାଣ୍ଡ-ଏଫ୍‌ଏମ୍

୪ ଦିନିଆ ଭାରତ ଗସ୍ତରେ ଆସିଥିବା ଥାଇଲାଣ୍ଡର ବୈଦେଶିକ ବ୍ୟାପାର ମନ୍ତ୍ରୀ ମାରିସ୍ ସାଙ୍ଗିଆମ୍ ପୋଙ୍ଗସା ଆଜି ନୂଆଦିଲ୍ଲୀରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍ ଜୟଶଙ୍କରଙ୍କ ସହ ସାକ୍ଷାତ୍ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ  ପୋଷ୍ଟରେ ଡ. ଜୟଶଙ୍କର କହିଛନ୍ତି, ରାଜକୀୟ କାଥିନା ସମାରୋହରେ ଥାଇଲାଣ୍ଡ ବୈଦେଶିକ ମନ୍ତ୍ରୀଙ୍କ ଗସ୍ତ ଦୁଇ ଦେଶ ମଧ୍ୟରେ ଦୀର୍ଘଦିନର ଐତିହାସିକ ଏବଂ ସାଂସ୍କୃତିକ ସମ୍ପର୍କର ପ୍ରତିଫଳନ । ଉଭୟ ନେତା ଭାରତ-ଥାଇଲାଣ୍ଡ

ସମ୍ପର୍କ, ବହୁପକ୍ଷୀୟ ସହଯୋଗ ଏବଂ ଆଞ୍ଚଳିକ ବିକାଶ ଉପରେ ଆଲୋଚନା କରିଥିଲେ।

ଶ୍ରୀ ସାଙ୍ଗିଆମ୍ ପୋଙ୍ଗସା ଗତକାଲି ନୂଆଦିଲ୍ଲୀରେ ବିବେକାନନ୍ଦ ଇଣ୍ଟରନ୍ୟାସନାଲ ଫାଉଣ୍ଡେସନର ସଦସ୍ୟମାନଙ୍କ ସହ ମତ ବିନିମୟ କରିବା ପରେ 'ଏସୀୟ ଶତାବ୍ଦୀ ଆଡକୁ ଧାମର ଅଗ୍ରଗତି' ଶୀର୍ଷକ ଏକ ସ୍ୱତନ୍ତ୍ର ଅଭିଭାଷଣ ପ୍ରଦାନ କରିଥିଲେ । ଶାନ୍ତି ଓ ନିରନ୍ତରତାକୁ ପ୍ରୋତ୍ସାହିତ କରିବା ପାଇଁ ଭଗବାନ ବୁଦ୍ଧଙ୍କ ଶିକ୍ଷାକୁ ସମଗ୍ର ବିଶ୍ୱରେ ପ୍ରସାରିତ କରିବାରେ ଥାଇଲାଣ୍ଡ ଏବଂ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ ।

## ଜେକେ ଏନ୍‌କାଉଣ୍ଟର

କାଶ୍ମୀର ଉପତ୍ୟକାର ଶ୍ରୀନଗର ସହରର ଖାନୟାର ଅଞ୍ଚଳରେ ଆଜି ସକାଳେ ଗୁଳିବିନିମୟ ହୋଇଥିଲା । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସୁରକ୍ଷାବାହିନୀର ମିଳିତ ଟିମ୍ ଗୁଇନ୍ଦା ସୂଚନା ଆଧାରରେ ଆତଙ୍କବାଦୀଙ୍କୁ ଖୋଜିବା ପାଇଁ ସମ୍ପୃକ୍ତ ଅଞ୍ଚଳ ଘେରାଉ କରି ତଲାସୀ ଅଭିଯାନ ଜାରି ରଖିଥିଲେ ।

ସୁରକ୍ଷାବାହିନୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଶେଷ ସୂଚନା ମିଳିବା ପର୍ଯ୍ୟନ୍ତ ସଂପୃକ୍ତ ଅଞ୍ଚଳରେ ତଲାସୀ ଅଭିଯାନ ଜାରି ରହିଛି।

## ଜି-୨୦ ବ୍ରାଜିଲ ମିଟିଂ

ଜି-୨୦ ବୈଠକରେ ଏକ ଉଚ୍ଚସ୍ତରୀୟ ଭାରତୀୟ ପ୍ରତିନିଧି ଦଳର ସକ୍ରିୟ ଅଂଶଗ୍ରହଣକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ବିପଦ ହ୍ରାସ ଉପରେ ପ୍ରଥମ ମନ୍ତ୍ରିସ୍ତରୀୟ ଘୋଷଣାନାମାକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ସହମତି ପ୍ରକାଶ ପାଇଛି।

ଜି-୨୦ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟକାରୀ ଗୋଷ୍ଠୀ ମନ୍ତ୍ରୀସ୍ତରୀୟ ବୈଠକ ଅକ୍ଟୋବର ୩୦ରୁ ନଭେମ୍ବର ପହିଲା ପର୍ଯ୍ୟନ୍ତ ବ୍ରାଜିଲର ବେଲେମଠାରେ ଅନୁଷ୍ଠିତ ହୋଇଥିଲା । ଏକ ବିବୃତିରେ କୁହାଯାଇଛି ବିଭିନ୍ନ ମନ୍ତ୍ରୀସ୍ତରୀୟ ଅଧିବେଶନରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ ମିଶ୍ର ବିପର୍ଯ୍ୟୟ ବିପଦ ହ୍ରାସ କରିବା ଏବଂ ଅର୍ଥ ଯୋଗାଣକୁ ତ୍ୱରାନ୍ୱିତ କରିବା ଦିଗରେ ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ବିଶେଷତଃ ପାଞ୍ଚଟି ପ୍ରାଥମିକତା ଉପରେ ବିପର୍ଯ୍ୟୟ ବିପଦ ହ୍ରାସ ଦିଗରେ ଭାରତର ଆଭିମୁଖ୍ୟ ଉପରେ ପ୍ରମୁଖ ସଚିବ ଗୁରୁତ୍ୱାରୋପ କରିଥିଲେ । ସେଗୁଡ଼ିକ ହେଉଛି ପ୍ରାରମ୍ଭିକ

ଚେତାବନୀ ବ୍ୟବସ୍ଥା, ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି, ବିପର୍ଯ୍ୟୟ ବିପଦ ହ୍ରାସ, ପୁନରୁଦ୍ଧାର ଏବଂ ସମାଧାନ ।

## ଆଇଏଲ୍‌ଓ ମିଟିଂ ଜେନେଭା

ଅନ୍ତର୍ଜାତୀୟ ଶ୍ରମ ସଂଗଠନର ୩୫୨ତମ ପରିଚାଳନା ବୋର୍ଡ ବୈଠକ ଜେନେଭାରେ ଚାଲିଛି । ଏହା ଗତ ମାସ ୨୮ ତାରିଖରେ ଆରମ୍ଭ ହୋଇଥିବାବେଳେ ଚଳିତ ମାସ ୭ ତାରିଖରେ ଶେଷ ହେବ। ଏହି ବୈଠକରେ ଶ୍ରମ ଓ ନିଯୁକ୍ତି ସଚିବ ସୁମିତା ଦୌରା ଦାରିଦ୍ର୍ୟର ସମସ୍ତ ଦିଗକୁ ଅନ୍ତର୍ଭୁକ୍ତ କରି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ ସହ ଜୀବନଧାରଣ ମାନରେ ଉନ୍ନତି ଆଣିବା ପାଇଁ ଭାରତର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ଏକ ଅସ୍ଥାୟୀ ଆକଳନ ଅନୁଯାୟୀ ୨୦୧୬-୧୭ ରୁ ୨୦୨୨-୨୩ ମଧ୍ୟରେ ଦେଶରେ ନିଯୁକ୍ତି ଅଭିବୃଦ୍ଧି ଯୋଗୁଁ ପ୍ରାୟ ୧୭୦ ନିୟୁତ ଲୋକଙ୍କୁ ଅର୍ଥନୈତିକ କାର୍ଯ୍ୟକଳାପରେ ସାମିଲ କରାଯାଇଛି ବୋଲି ସେ କହିଛନ୍ତି।

ଶ୍ରୀମତୀ ଦୌରା ପିଏମ୍ ଜନଧନ ଯୋଜନା ଭଳି ସରକାରୀ ପଦକ୍ଷେପ ବିଷୟରେ କହିଥିଲେ ଯେ ବ୍ୟାଙ୍କ୍ ଖାତା ନଥିବା ଲୋକଙ୍କ ପାଇଁ ଆର୍ଥିକ ବ୍ୟବଧାନକୁ ଏହି ଯୋଜନା ଦୂର କରିଥିଲା ଏବଂ ପିଏମ ଜୀବନ ଜ୍ୟୋତି ଯୋଜନା ଓ ପିଏମ ସୁରକ୍ଷା ବୀମା ଯୋଜନା ଲୋକମାନଙ୍କୁ ବୀମା ପ୍ରଦାନ କରିଥିଲା।

## ପାକିସ୍ତାନ ବ୍ଲାଷ୍ଟ

ପାକିସ୍ତାନର ମସ୍ତୁଙ୍ଗ ଜିଲ୍ଲାରେ ଗତକାଲି ହୋଇଥିବା ବୋମା ବିସ୍ଫୋରଣରେ ୫ ଶିଶୁଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି । ଏଥିରେ ୨୯ ଜଣ ଆହତ ହୋଇଛନ୍ତି।

ପାକିସ୍ତାନର କଲାତ ଡିଭିଜନର କମିଶନର ଏହି ସୂଚନା ଦେଇଛନ୍ତି। ମସ୍ତୁଙ୍ଗ ସିଭିଲ ହସ୍ପିଟାଲ ନିକଟ ବାଳିକା ଉଚ୍ଚ ବିଦ୍ୟାଳୟ ଛକରେ ଏହି ଘଟଣା ଘଟିଛି। ମୃତକଙ୍କ ମଧ୍ୟରେ ୫ ଜଣ ନାବାଳିକା, ଜଣେ ପୁଅ, ଜଣେ ପୁଲିସ ଅଧିକାରୀ ଓ ଅନ୍ୟ ଦୁଇ ଜଣ ସାଧାରଣ ନାଗରିକ ଅଛନ୍ତି। ମୃତ ଶିଶୁଙ୍କ ବୟସ ୫ରୁ ୧୦ ବର୍ଷ ମଧ୍ୟରେ ବୋଲି ସେ କହିଛନ୍ତି। ଆବଶ୍ୟକ ପ୍ରକ୍ରିୟା ପରେ ମୃତକଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ବେଲୁଚିସ୍ତାନର ମୁଖ୍ୟମନ୍ତ୍ରୀ ସରଫରାଜ ବୁଗତି ଏହି ଆକ୍ରମଣକୁ ନିନ୍ଦା କରିବା ସହ ମୃତକଙ୍କ ପାଇଁ ଦୁଃଖ ପ୍ରକାଶ କରିଛନ୍ତି।

## ହମାସ୍ ଅଫିସିଆଲ କିଲ୍ଡ

ଇସ୍ରାଏଲ ସେନା ଗତକାଲି ଘୋଷଣା କରିଛି ଯେ ଖାନ୍ ୟୁନିସ୍‌ରେ ହୋଇଥିବା ଏୟାର ଷ୍ଟ୍ରାଇକ୍‌ରେ ହାମାସର ବରିଷ୍ଠ ଅଧିକାରୀ ଇଜ୍ ଅଲ୍-ଦିନ କସାବ ନିହତ ହୋଇଛି। ଗାଜା ଉପତ୍ୟକାର ଅନ୍ୟ ଗୋଷ୍ଠୀମାନଙ୍କ

ସହ ସମନ୍ୱୟ ରକ୍ଷା କରିବାରେ ସମ୍ପୃକ୍ତ ଥିବା ଶେଷ ଉଚ୍ଚ ପଦସ୍ଥ ହମାସ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରୁ କସାବ ଅନ୍ୟତମ ବୋଲି କୁହାଯାଇଛି ।

ଅନ୍ୟପକ୍ଷରେ ହାମାସ ଏକ ବିବୃତ୍ତିରେ କସାବଙ୍କ ମୃତ୍ୟୁକୁ ନିଶ୍ଚିତ କରି କହିଛି ଯେ ହାମାସର ଅନ୍ୟ ଜଣେ ଅଧିକାରୀ ଆୟମାନ ଆୟେଶାଙ୍କ ସହ ତାଙ୍କ ଗାଡ଼ି ଉପରେ ଇସ୍ରାଏଲର ଆକ୍ରମଣରେ ସେ ନିହତ ହୋଇଥିଲେ। ହାମାସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗାଜାରେ କସାବ ନେତୃତ୍ୱ ନେଉଥିଲେ ମଧ୍ୟ ସଂଗଠନର ରାଜନୈତିକ ନିଷ୍ପତ୍ତି ଗ୍ରହଣ କରିବା କ୍ଷେତ୍ରରେ  ତାଙ୍କର କୌଣସି ଭୂମିକା ନଥିଲା ।

## କ୍ରିକେଟ : ଇଣ୍ଡିଆ-ନ୍ୟୁଜିଲାଣ୍ଡ

ମୁମ୍ବାଇର ଓ୍ୱାଙ୍ଖେଡେ ଷ୍ଟାଡିୟମରେ ଚାଲିଥିବା ଭାରତ-ନ୍ୟୁଜିଲାଣ୍ଡ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଆଜି ଭାରତ ତା'ର ପ୍ରଥମ ଇନିଂସରେ ୨୬୩ ରନ୍ ସଂଗ୍ରହ କରିଛି । ଭାରତ ଗତକାଲିର ସ୍କୋର୍ ୪ ଓ୍ୱିକେଟ୍‌ରେ  ୮୬ରନ୍‌ରୁ ବ୍ୟାଟିଂ ଆରମ୍ଭ କରିଥିଲା ।  ଭାରତ ପକ୍ଷରୁ ଶୁଭମନ ଗିଲ୍ ୯୦ ଏବଂ ରିଷଭ ପନ୍ତ ୬୦ ରନ୍ କରିଥିଲେ । ନ୍ୟୁଜିଲାଣ୍ଡ ପକ୍ଷରୁ ଅଜାଜ ପଟେଲ ୫ଟି ଓ୍ୱିକେଟ୍ ନେଇଛନ୍ତି । ସମ୍ବାଦ ପ୍ରସ୍ତୁତ ହେଲା ବେଳକୁ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ୍‌ରେ ୫ ଓଭର ସୁଦ୍ଧା ଗୋଟିଏ ଓ୍ୱିକେଟ୍ ହରାଇ ୧୫ ରନ୍ ସଂଗ୍ରହ କରିଛି ।

ପୂର୍ବରୁ ନ୍ୟୁଜିଲାଣ୍ଡ ଟସ୍ ଜିତି ବ୍ୟାଟିଂ କରି ସମସ୍ତ ୱିକେଟ୍ ହରାଇ ୨୩୫ରନ୍ କରିଥିଲା । ଭାରତ ପକ୍ଷରୁ ରବୀନ୍ଦ୍ର ଜାଡ଼େଜା ୫ଟି ଏବଂ ୱାଶିଂଟନ୍ ସୁନ୍ଦର ୪ଟି ୱିକେଟ୍ ହାସଲ କରିଥିଲେ ।

## ବ୍ୟାଡମିଣ୍ଟନ

ଜର୍ମାନୀର ସାର୍‌ବ୍ରୁକେନ୍ ଠାରେ ଚାଲିଥିବା ହାଇଲୋ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ସେମିଫାଇନାଲ୍ ପର୍ଯ୍ୟାୟକୁ ଭାରତର ମାଳବିକା ବନ୍‌ଶୋଦ୍ ଏବଂ ଆୟୁଷ ସେଟ୍ଟି ଉନ୍ନୀତ ହୋଇଛନ୍ତି । ମହିଳା ଏକକ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ମାଳବିକା ଭିଏତନାମ୍ ପ୍ରତିପକ୍ଷଙ୍କୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଏହି ପର୍ଯ୍ୟାୟରେ ସେ ଆଜି ଡେନ୍‌ମାର୍କର ଜୁଲେ ଦାୱିଲ୍ ଜାକୋବ୍‌ସେନ୍‌ଙ୍କୁ ଭେଟିବେ ।

ସେହିଭଳି ପୁରୁଷ ଏକକ ବର୍ଗରେ ଆୟୁଷ ସେଟ୍ଟି ଫିନ୍‌ଲ୍ୟାଣ୍ଡର କାଲେ କାଲ୍‌ଜୋନେନ୍‌ଙ୍କୁ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ପରାସ୍ତ କରିଛନ୍ତି । ସେମିଫାଇନାଲ୍‌ରେ ଆଜି ଫ୍ରାନ୍ସର କ୍ରିଷ୍ଟୋପୋପୋଭଙ୍କ ସହ ତାଙ୍କର ଆଜି ମୁକାବିଲା ହେବ ।